**ରାସ୍ତାରେ ବୁଲୁଛନ୍ତି ଗୋରୁ, ବଢୁଛି ଦୁର୍ଘଟଣା**

ବରପାଲି, (ଡି.ଏନ.ଏ)-ବରଗଡ ଜିଲା ବରପାଲି ଏନଏସି ଅଞ୍ଚଳ ଦେଇ ଯାଇଥିବା ମୁଖ୍ୟରାସ୍ତାରେ ବୁଲା ଗୋରୁ ଅବାଧରେ ବିଚରଣ କରୁଛନ୍ତି। ସହରର ବିଭିନ୍ନ ଛକ, ରାସ୍ତା ଗୋରୁଗୋଠ ପାଲଟିଛି। ଏଥିଯୋଗୁ ଉଭୟ ପଥଚାରୀ ବିଶେଷ କରି ଗାଡି ଚାଳକମାନେ ବହୁ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତା ଉପରୁ ଗୋରୁଙ୍କୁ ହଟାଇବା ଦିଗରେ ଏନଏସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ଲୋକଙ୍କ ଧନଜୀବନକୁ ଦୃଷ୍ଟିରେ ରଖି ଏନଏସି ଠୋସ୍ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।



## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ଗଲା ଯୁବକଙ୍କ ଜୀବନ

**ଲହୁଣୀପଡା, ୧୯।୯(ଡି.ଏନ.ଏ.):** ମହୁମାଛି ଆକ୍ରମଣରେ ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ହଳଦୀକୁଦର ପଞ୍ଚାୟତ ଅନ୍ତର୍ଗତ ପୁଦେଇପାଣି ଗ୍ରାମର ଜଣେ ଯୁବକଙ୍କ ଶନିବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଁର ହରି ଗୋପ। ଗ୍ରାମର ଚାରି/ପାଞ୍ଚ ଜଣ ଯୁବକ ମହୁ ସଂଗ୍ରହ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଅନ୍ୟ ଯୁବକମାନେ ଗଛ ମୂଳେ ଥିବା ବେଳେ ମହୁଫେଣାରେ ନିଆଁ ହୁଳା ଦେବା ପାଇଁ ହରି ଗଛ ଉପରକୁ ଚଢୁଥିଲେ। ଏହି ସମୟରେ ମହୁମାଛିମାନେ ତାଙ୍କୁ ଆକ୍ରମଣ କରିଥିଲେ ଏବଂ ସେ ଗଛ ତଳକୁ ଖସି ପଡ଼ିଥିଲେ। ଗଛମୂଳରେ ଥିବା ସହଯୋଗୀମାନେ ହରିଙ୍କୁ ଉଦ୍ଧାର କରି ତାଙ୍କ ଘରରେ ପହଞ୍ଚାଇଥିଲେ। କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ମହୁଲପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

### ଧରିତ୍ରୀ ପ୍ରଭାବ
### ବ୍ଲକ ପ୍ରଶାସନ ପକ୍ଷରୁ ସହାୟତା

**ହରଭଙ୍ଗା, ୧୯।୯(ଡି.ଏନ୍.ଏ.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୁକେସିଙ୍ଗା ଗ୍ରାମର ଦେବାର ବେହେରା ୨ବର୍ଷ ହେଲା କିଡ୍‌ନୀ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଅଛନ୍ତି । ଫଳରେ ତିନି ଛୋଟ ଛୁଆଙ୍କୁ ଆହାର ଦେବା ଓ ସ୍ୱାମୀ ଦେବାରଙ୍କ ଚିକିତ୍ସା ଖର୍ଚ୍ଚ ତୁଲାଇବା ପାଇଁ ସ୍ତ୍ରୀ ବିଳାସିନୀ କାମ କରିବାକୁ ଭୁବନେଶ୍ୱର ଚାଲି ଯାଇଥିବା ନେଇ ଏକ ଖବର ଧରିତ୍ରୀରେ ଶୁକ୍ରବାର ପ୍ରକାଶ ପାଇଥିଲା। ଏହା ଜାଣିବା ପରେ ହରଭଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ନୀଳକଣ୍ଠ ବେହେରା ଶନିବାର ଦେବାରଙ୍କ ଘରକୁ ଯାଇ ସମସ୍ୟା ବୁଝିବା ସହ ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ଏହି ପରିବାରକୁ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ମଧ ବିଡିଓ ବେହେରା ପ୍ରତିଶ୍ରୁତି ଦେଇଥିଲେ । ସହାୟତା ରାଶି ପ୍ରଦାନ ସମୟରେ ସରପଞ୍ଚ ସୁମନ୍‌ଜୀ ଲାଲ୍ ମଧ୍ୟ ଉପସ୍ଥିତ ଥିଲେ ।

### ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

**ଦେବଗଡ଼, ୧୯।୯(ଡ଼ି.ଏନ୍.ଏ.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଉପଲକ୍ଷେ ସେପ୍ଟେମ୍ବର ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ଭାଜପା ପକ୍ଷରୁ ସେବା ସପ୍ତାହ ଭାବେ ପାଳନ କରାଯାଉଛି। ସେବା ସପ୍ତାହର ଷଷ୍ଠ ଦିବସରେ ଶନିବାର ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଦେବଗଡ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଟିଙ୍କବୀର ଓ କାଦୋପଡାର ଦଇଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି। ଦଳ ପକ୍ଷରୁ ଛତାବର ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଫଳ ବଣ୍ଟନ କରାଯାଇଛି। ବିଧାୟକ ପାଣିଗ୍ରାହୀଙ୍କ ସହ ଜିଲା ଭାଜପା ସାଧାରଣ ସମ୍ପାଦକ ନିରନ ବେହେରା, ଭାରତ ଭୂଷଣ ପ୍ରଧାନ, ବିଧାୟକଙ୍କ ରିଆମାଳ ବ୍ଲକ ପ୍ରତିନିଧି ଶରତ କୁମାର ସାହୁ, ମଣ୍ଡଳ ଭାଜପା ସଭାପତି ସୀବ କୁମାର ବେହେରା, ଜିଲା ଭାଜପା ଉପ ସଭାପତି ସମୀର ସାହୁ, ଅମୁଲ୍ୟ କୁମାର ସାହୁ, ସମିତି ସଭ୍ୟ ଅମୂଲ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ଦୂତୀଙ୍କୁ ଚମ୍ପେଶ୍ୱରୀ ସ୍ପୋର୍ଟସ୍ ଆସୋସିଏଶନର ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍, ୧୯।୯:** ଅର୍ଜୁନ ପୁରସ୍କାର ବିଜୟିନୀ ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦଙ୍କୁ ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲର ଚମ୍ପେଶ୍ୱରୀ ସ୍ପୋର୍ଟସ୍ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହକୁ ଚମ୍ପେଶ୍ୱରୀ ସ୍ପୋର୍ଟସ୍ ଆସୋସିଏଶନର ଏକ ପ୍ରତିନିଧି ଦଳ ଯାଇ ଦୂତୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିନିଧି ଦଳରେ ଉକ୍ତ ଆସୋସିଏଶନ ସଭାପତି ଦେବେନ୍ଦ୍ର ମେହେର, ଅନ୍ତର୍ଜାତୀୟ ପର୍ବତାରୋହୀ ଲିପିକା ସେଠ, ଅନିତା ଭୋଇ, ବିଦ୍ୟାଧର ସାହୁ, ସିଦ୍ଧାର୍ଥ ମେହେର, କ୍ରୀଡ଼ା ଶିକ୍ଷକ ପ୍ରୀତମ ପଣ୍ଡା, ଆଶୁତୋଷ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ଗମ ଅଞ୍ଚଳରେ ଭରସା ବାଇକ୍ ଆମ୍ବୁଲାନ୍ସ

**ଭବାନୀପାଟଣା, ୧୯।୯(ଡି.ଏନ.ଏ.)**

**କଳାହାଣ୍ଡି ଜିଲା**



ବାଇକ୍ ଆମ୍ବୁଲାନ୍ସ।

**୨ ହଜାର ୫୨୬ ଜଣ ଉପକୃତ, -ଅଧିକ ବ୍ୟବସ୍ଥା କରିବାକୁ ଦାବି**

ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳରେ ଗମନାଗମନ ଅସୁବିଧାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ବାଇକ୍ ଆମ୍ବୁଲାନ୍ସ ବର୍ତ୍ତମାନ ଏକମାତ୍ର ସାହା ଭରସା ପାଲଟିଛି। ଜିଲାର ପ୍ରାୟ ଶତାଧିକ ଦୁର୍ଗମ ଗ୍ରାମରେ ଗମନାଗମନ ପାଇଁ ରାସ୍ତା ନ ଥିବାରୁ ଏହି ସେବାକୁ ବ୍ୟାପକ କରିବା ଲାଗି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଛି । ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଦନପୁର ରାମପୁର ବ୍ଲକର ଉର୍ଲାଦାନୀ ଓ ଥୁଆମୂଳ ରାମପୁର ବ୍ଲକରେ ଆଉ ଗୋଟିଏ ବାଇକ୍ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ମାତ୍ର ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନ ଥିବାରୁ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ଦୁର୍ଦ୍ଦଶା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ।

ରାଜ୍ୟ ସରକାରଙ୍କ ପକ୍ଷରୁ ଗର୍ଭବତୀ, ପ୍ରସୂତିମାନଙ୍କ ପାଇଁ ୧୦୨ ଆମ୍ବୁଲାନ୍ସ ଏବଂ ସାଧାରଣ ରୋଗୀଙ୍କ ପାଇଁ ୧୦୮ ଆମ୍ବୁଲାନ୍ସ ସୁବିଧା ଯୋଗାଯାଇଛି । କିନ୍ତୁ ରାସ୍ତାଘାଟ ସୁବିଧା ନ ଥିବାରୁ ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ସେହିପରି ଦୁର୍ଗମ ଅଞ୍ଚଳରେ ଗୋଟିଏ ପଟେ ନେଟୱର୍କ ନ ଥିବା ବେଳେ ଅନ୍ୟ ପଟେ ଗାଁକୁ ଆମ୍ବୁଲାନ୍ସ ଯିବାକୁ ରାସ୍ତା ନାହିଁ । ସାମାନ୍ୟ ଜ୍ୱର କିମ୍ବା ଝାଡାବାନ୍ତି ହେଉ ବା ଗର୍ଭବତୀ ମହିଳା ହେଉ ନିକଟସ୍ଥ ଡାକ୍ତରଖାନାକୁ ଆସିବାକୁ ହେଲେ ଝୁଲା କିମ୍ବା ଭାର ଦ୍ୱାରା ବୋହି କରି ଆଣିବାକୁ ପଡିଥାଏ। ଜିଲାର ଲାଞ୍ଜିଗଡ ବ୍ଲକର ତ୍ରିଲୋଚନପୁର, ବିଜେପୁର, ମାଳିଯୁବାଙ୍ଗ, ପାହାଡପଦର, ଲାକବାହାଲି, ବେନଗାଁ, ଲାଞ୍ଜି, ସାନକୁଟ୍ରୁ, ବେଡାଗାଁ, କଦମଗୁଡା, କୁମଖାଲ, ଭୁର୍ଟିଗଡ, ଭଟାଙ୍ଗପଦର, ଗୁଣ୍ଡରି ସମେତ ବହୁ ପଞ୍ଚାୟତର ଅନେକ ଗାଁକୁ ରାସ୍ତା ନାହିଁ ।

ସେହିଭଳି ଜୁନାଗଡ ବ୍ଲକର ବୁଢ଼ୀଦର, ବାଙ୍କପଲାସ, ଦୁନ୍ଦେଲବାଲ ଓ ଦେଦର ପଞ୍ଚାୟତର ବହୁ ଗାଁକୁ ରାସ୍ତା ନାହିଁ । ମଦନପୁର, ରାମପୁର ବ୍ଲକର ଉର୍ଲାଦାନୀ, ମୋହନଗିରି, ଦେଡ଼ଶୁଲି, ବାରବନ୍ଧା ମାଣିକେରା ପଞ୍ଚାୟତ, ଥୁ.ରାମପୁର ବ୍ଲକର ମାଲିଗାଁ, ସିଲେଟ, କେରପାଇ, ନାକରୁଣ୍ଡି, ତଲଆମପଦର, କରଲାପାଟ, କିଆପଦର, କାଣିଗୁମା, ସିନ୍ଧିପଦର, ଥୁଆମୂଳ, ବିରିକୋଟ, ତଲଝାପି, ପଡେପଦର, ମହୁଲପାଟଣା, ଗୋପୀନାଥପୁର, ଅଡରି ପଞ୍ଚାୟତର ଅନେକ ଗାଁକୁ ରାସ୍ତା ନ ଥିବା ଯୋଗୁ ଆମ୍ବୁଲାନ୍ସ ପହଞ୍ଚି ପାରେନାହିଁ।

ବହୁ ଦୁର୍ଗମ ଅଞ୍ଚଳରେ କେବଳ ପାଦଚଲା ରାସ୍ତା ରହିଛି। କିଛି ଗାଁକୁ କେବଳ ବାଇକ୍ ହିଁ ଯିବା ଆସିବା ପାଇଁ ସାଧନ ସାଜିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପରୀକ୍ଷାମୂଳକ ଭାବରେ ୨୦୧୬ ନଭେମ୍ବର ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା। ଥୁଆମୂଳ ରାମପୁର ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସାଇସୁରନି ଏବଂ ଲାଞ୍ଜିଗଡ ବ୍ଲକର ବଙ୍କାକୁଣ୍ଡରୁ ଠାରେ ୩ଟି ବାଇକ୍ ଆମ୍ବୁଲାନ୍ସ ରଖାଯାଇଛି। ଏପର୍ଯ୍ୟନ୍ତ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାଇକ୍ ଆମ୍ବୁଲାନ୍ସ ଯୋଗେ ୪୯୩ ଜଣ, ସାଇସୁରନି ଠାରେ ଥିବା ବାଇକ୍ ଦ୍ୱାରା ୬୭୦ ଜଣ ଓ ବଙ୍କାକୁଣ୍ଡରୁ ଠାରେ ଥିବା ବାଇକ ଆମ୍ବୁଲାନ୍ସ ଯୋଗେ ୧୩୬୩ ଜଣ ରୋଗୀ ଦୁର୍ଗମ ଅଞ୍ଚଳରୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଜଣାଯାଇଛି। ଜିଲାରେ ଏପର୍ଯ୍ୟନ୍ତ ସମୁଦାୟ ୨ ହଜାର ୫୨୬ ଜଣ ରୋଗୀ ବାଇକ୍ ଆମ୍ବୁଲାନ୍ସର ସୁବିଧା ପାଇ ପାରିଛନ୍ତି । ତେବେ ଜିଲାର ଯେଉଁ ଦୁର୍ଗମ ଅଞ୍ଚଳକୁ କେବଳ ବାଇକ୍ ଯାଇ ପାରୁଛି ସେସବୁ ଅଞ୍ଚଳ ପାଇଁ ଅଧିକ ବାଇକ୍ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

### ଧାନ ଚାଷରେ ପୋକ ଉପଦ୍ରବ

**ଜାମଟିକ୍ରା, ୧୯।୯(ଡି.ଏନ.ଏ)**

ଅତାବିରା ବ୍ଲକ ଅଞ୍ଚଳରେ ଚାଷ ହୋଇଥିବା ଧାନ ଗଛରେ ଏବେ ପୋକ ଉପଦ୍ରବ ଦେଖାଦେଇଛି । ନଳୀ ପୋକ , ମାଟିଆଗୁଣ୍ଡି ପୋକ ଲାଗିଛି। ପତ୍ରପୋଡା ରୋଗ, ମହିଷା ରୋଗ ହେବାରୁ ଆଶାନୁରୂପ ଫସଲ ହେବା ଆଶା ମଉଳି ଯାଇଛି । ଚାଷୀମାନେ ଗ୍ରାମ୍ୟ କୃଷି ଅଧିକାରୀଙ୍କ ପରାମର୍ଶକ୍ରମେ ଗାଁ ମହାଜନଙ୍କଠାରୁ ଧାରକରଜ କରି କୀଟନାଶକ ଔଷଧ କିଣି ଫସଲରେ ସିଞ୍ଚନ କରୁଛନ୍ତି । କିନ୍ତୁ କିଛି ସୁଫଳ ମିଳୁନାହିଁ। ଫଳରେ ଚାଷ ପାଇଁ କରିଥିବା ଧାର କରଜ କିପରି ଶୁଝାଯିବ ସେହି ଚିନ୍ତାରେ ଅଧିକାଂଶ ଚାଷୀ ଆଖିରୁ ନିଦ ହଜି ଯାଇଛି । ଅତାବିରା ବ୍ଲକର ବିଭିନ୍ନ ପଞ୍ଚାୟତରେ ଧାନ ଫସଲ ରୋଗପୋକ କବଳିତ ହୋଇପଡିଛି ଧାନ ଅମଳ ପାଇଁ ଆଉ ଗୋଟିଏ ମାସ ଥିବା ବେଳେ ଏଭଳି ବିପତ୍ତି ଚାଷୀଙ୍କ ଖାଇବା ଭାତରେ ଧୂଳି ସଦୃଶ ହୋଇଛି । ଏ ନେଇ ଅତାବିରା ବ୍ଲକ କୃଷି ଅଧିକାରୀ ବିଜୟ ପଟ୍ଟନାୟକଙ୍କୁ ପଚାରିବାରେ କହିଥିଲେ ଯେ, ଏ ଦିଗରେ ବିଭାଗ ପକ୍ଷରୁ ଖୁବଶୀଘ୍ର ପଦକ୍ଷେପ ନିଆଯିବା ପାଇଁ ବ୍ୟବସ୍ଥା କରାଯାଉଛି ।

## ପୋଷଣ ବଗିଚାର ଆବଶ୍ୟକତା ଉପରେ ଗୁରୁତ୍ୱ




କାର୍ଯ୍ୟକ୍ରମରେ ମଞ୍ଚାସୀନ କୃଷି ବିଜ୍ଞାନୀ ଓ ଅତିଥି।

**ସୁନ୍ଦରଗଡ, ୧୯।୯(ଡି.ଏନ୍.ଏ.)**

**କୃଷିବିଜ୍ଞାନ କେନ୍ଦ୍ରରେ ପୋଷଣ ଅଭିଯାନ କାର୍ଯ୍ୟକ୍ରମ**

ସୁନ୍ଦରଗଡ କୃଷିବିଜ୍ଞାନ କେନ୍ଦ୍ର କିରେଇ ଏବଂ ଇଫକୋର ମିଳିତ ଆନୁକୂଲ୍ୟରେ ପୋଷଣ ଅଭିଯାନ-୨୦୨୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାର ବିଭିନ୍ନ ବ୍ଲକର ୪୦ଜଣ ଅଙ୍ଗନବାଡି କର୍ମୀ ଓ ୭୦ କୃଷିଜୀବୀ ମହିଳା ଯୋଗଦେଇଥିଲେ। ପୋଷଣ ସଚେତନତା ଓ କୁପୋଷଣ ନିରାକରଣ ପାଇଁ ପୋଷଣ ବଗିଚାର ଆବଶ୍ୟକତା ଉପରେ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୃଷିବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ ଗ୍ରାମରେ କରାଯାଉଥିବା ପାକଶାଳା ବଗିଚା ଓ ତାଲିମ କାର୍ଯ୍ୟକ୍ରମର ସୁଫଳ ସମସ୍ତେ କିଭଳି ପାଇବେ ତାହା ଉପରେ ଆଲୋକପାତ କରିଥିଲେ। ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ଚାଷୀ ଓ ଅଙ୍ଗନବାଡି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଇଫକୋ ତରଫରୁ ଯୋଗାଇ ଦିଆଯାଇଥିବା ପନିପରିବା ବିହନ ମଞ୍ଜି ଓ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଯୋଗାଇ ଦିଆଯାଇଥିବା ପନିପରିବା ଚାରା ବଣ୍ଟନ କରାଯାଇଥିଲା। ଶୁକ୍ରବାର ଉଦ୍‌ଯାପନୀ ଦିବସରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଜିଲା ମୁଖ୍ୟ କୃଷ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ନାବାର୍ଡର ଜିଲା ପ୍ରବନ୍ଧକ ଶକ୍ତିପ୍ରସନ୍ନ ମହାପାତ୍ର, ଇଫକୋର ଆଞ୍ଚଳିକ ପ୍ରବନ୍ଧକ କୁଳମଣି ମାଝି, ଜିଲା ପ୍ରାଣୀ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ଡ. ଗିରିଧାରୀ ଭୋଇଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ୧୭ଜଣ ଜୈବିକ କୃଷକ ଓ ମିଶନଶକ୍ତିକୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ବିଭିନ୍ନ ମଡେଲ ପୋଷଣ ବଗିଚା ଓ ପାକଶାଳା ବଗିଚା ପ୍ରଦର୍ଶନ କରି ବୁଝାଇଥିଲେ । ବରିଷ୍ଠ ବୈଜ୍ଞାନିକ ସଞ୍ଜୀବ ବିଶ୍ୱାସୀ ଓ ସତ୍ୟମୟ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଜୁଆ, ସଟ୍ଟା ଖେଳିବା ଅଭିଯୋଗରେ ୩୮ ଗିରଫ

**ସମ୍ବଲପୁର, ୧୯।୯(ବ୍ୟୁରୋ)**

ସମ୍ବଲପୁର ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ସଟ୍ଟା ଓ ଜୁଆ ଖେଳୁଥିବା ଅଭିଯୋଗରେ ୩୮ଜଣଙ୍କୁ ପୋଲିସ ଗିରଫ କରଛି। ଏ ନେଇ ୧୭ଟି ମାମଲା ରୁଜୁ କରାଯାଇଛି। ସେମାନଙ୍କ ନିକଟରୁ ସଟ୍ଟା କାଗଜପତ୍ର, ଟଙ୍କା, ମୋବାଇଲ ଫୋନ ଜବତ ହୋଇଛି । ସେହିପରି ସହର ସମେତ ବିଭିନ୍ନ ସ୍ଥାନରେ ପୋଲିସ ଯାଞ୍ଚ କରିଥିଲା । ମାସ୍କ ନ ପିନ୍ଧିବାରୁ ୨୦୫ ଜଣ, ମୋଟର ଯାନ ପାଇଁ ୨୯୯, କଣ୍ଟେନମେଣ୍ଟ ଜୋନ ନିୟମ ଭଙ୍ଗ କରିବା ଘଟଣାରେ ୬୦ ଜଣ, ୧୪୪ ଧାରା ଲାଗୁ ସ୍ଥାନରେ ନିୟମ ମାନୁ ନ ଥିବା ୩୬ ଜଣଙ୍କ ନିକଟରୁ ମୋଟ ୩ ଲକ୍ଷ ୭୫ ହଜାର ୭ ଶହ ଟଙ୍କା ଜରିମାନା ଅଦାୟ କରାଯାଇଛି ।

### ଶାଗୁଆନ ଓ ଗମ୍ଭାରୀ ପଟା ଜବତ : ଜଣେ ଗିରଫ

**ମନମୁଣ୍ଡା, ୧୯।୯(ଡି.ଏନ.ଏ.)**

ଶନିବାର ବନ ବିଭାଗ ପକ୍ଷରୁ ମନମୁଣ୍ଡା ଥାନା ଅଞ୍ଚଳରେ ଚଢାଉ କରାଯାଇ ୧୦ ଶାଗୁଆନ ଓ ୮ ଗମ୍ଭାରୀ କାଠ ପଟା ଜବତ ହୋଇଛି । ଏହି ଘଟଣାରେ ମନମୁଣ୍ଡା ଥାନା ଗୁଡଭେଲିପଦର ପଞ୍ଚାୟତ ବୁଲୁରାମୁଣ୍ଡାର ରମେଶ ପ୍ରସାଦ ମିଶ୍ର (୫୮)ଙ୍କୁ ଗିରଫ କରାଯାଇଛି। ସେ ଉକ୍ତ ପଟା ନିଜ ଘରେ ରଖିଥିବାର ସୂଚନା ପାଇ ଏସିଏଫ ଜିତେନ୍ଦ୍ର ବେହେରା, ରେଞ୍ଜର ପ୍ରଦୋଷ ମହାରଣା, ମନମୁଣ୍ଡା ରେଞ୍ଜର ନାରାୟଣ ସ୍ୱାଇଁ ବନବିଭାଗ କର୍ମଚାରୀଙ୍କ ସହ ସକାଳ ୬ଟା ସମୟରେ ଚଢାଉ କରିଥିଲେ। ଚଢାଉରେ ଗାର୍ଡ ଦୀପକ ପ୍ରଧାନ, ପିଙ୍କି ପାତ୍ର, ଜ୍ୟୋତିରଞ୍ଜନ ବାରିକ, ଦିଗାମ୍ବର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ବ୍ୟାଙ୍କ ବନ୍ଦ, ଏଟିଏମ୍ ଅଚଳ : ଲୋକେ ହଇରାଣ

**ପଡିଆବାହାଲ, ୧୯।୯ (ଡି.ଏନ.ଏ)**

ସମ୍ବଲପୁର ଜିଲା ପଡିଆବାହାଲ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ କରୋନାରେ ଆକ୍ରାନ୍ତ ହେବା ପରେ ଶୁକ୍ରବାରଠାରୁ ବ୍ୟାଙ୍କ ବନ୍ଦ ରହିଛି । ଅପରପକ୍ଷରେ ଷ୍ଟେଟ ବ୍ୟାଙ୍କ ଏଟିଏମ୍ କାମ ଦେଉନି। ୟୁବିଆଇର ଏଟିଏମ୍ ମଧ ଚାଲୁ ନ ଥିବାରୁ ଲୋକେ ବହୁ ହଇରାଣ ହେଉଛନ୍ତି । ଅନ୍ତତଃ ରବିବାର ପଡିଆବାହାଲସ୍ଥିତ ଏଟିଏମଦ୍ୱୟ କାର୍ଯ୍ୟକ୍ଷମ କରିବା ଲାଗି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଶୃଙ୍ଖଳାରକ୍ଷାରୁ ମିଳେ ସଫଳତା



ଜଣେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବରଗଡ଼ ଅଫିସ୍, ୧୯।୯**

ଶିକ୍ଷକମାନଙ୍କ କର୍ତ୍ତବ୍ୟନିଷ୍ଠା, ଦାୟିତ୍ୱବୋଧ, ଶୃଙ୍ଖଳାରକ୍ଷା ତଥା ଗ୍ରାମବାସୀଙ୍କ ବିଦ୍ୟାଳୟ ପ୍ରତି ଅନୁରକ୍ତି ହିଁ ଗୋଟିଏ ବିଦ୍ୟାଳୟର ଶତପ୍ରତିଶତ ପରୀକ୍ଷାଫଳର ସଫଳତାର ମୂଳମନ୍ତ୍ର। ବରଗଡ଼ ବ୍ଲକ ଗୋବିନ୍ଦପୁରଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ମତପ୍ରକାଶ ପାଇଛି। ଗୋବିନ୍ଦପୁର ପଞ୍ଚାୟତସ୍ତରୀୟ ସମ୍ବର୍ଦ୍ଧନା ଓ ସଂକଳ୍ପ ସମାରୋହରେ ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ବ୍ଲକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା କ୍ରୀଡ଼ା ସଂସଦର ସମ୍ପାଦକ କିଶୋର ମିଶ୍ର, ଯୁବନେତା ଉମେଶ ଚନ୍ଦ୍ର ପଣ୍ଡା, ଜିଲା ପରିଷଦ ସଭ୍ୟ ଉମେଶ ବେହେରା, ସମିତିସଭ୍ୟ ଅଞ୍ଜଳି ବିଶି, ପୂର୍ବତନ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ନିତ୍ୟାନନ୍ଦ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ନବୀନ ସାବତ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ମନବୋଧ ଲୁହୁରା, ଶିକ୍ଷୟିତ୍ରୀ ରଶ୍ମିରେଖା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀଛାତ୍ରୀ ସୋନାଲି ଦାଶଙ୍କୁ ବିଦ୍ୟାଳୟ ତରଫରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ପଞ୍ଚାୟତବାସୀଙ୍କ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ହିନ୍ଦୀ ପରୀକ୍ଷାରେ ଅଶ୍ଲେଷା ରାଜ୍ୟରେ ଦ୍ୱିତୀୟ

**କେସିଙ୍ଗା, ୧୯।୯ (ଡି.ଏନ.ଏ.)**

ଆନ୍ତର୍ଜାତିକ ହିନ୍ଦୀ ଦିବସ ଅବସରରେ ଓଡିଶା ଆଦର୍ଶ ବିଦ୍ୟାଳୟ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ହିନ୍ଦୀ ଭାଷା ଜ୍ଞାନ ଅନ୍‌ଲାଇନ ପରୀକ୍ଷାରେ କେସିଙ୍ଗା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅଶ୍ଲେଷା ଅଭିଶିକ୍ତା ଜେନା ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଛାତ୍ରୀ ଅଶ୍ଲେଷାଙ୍କ ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ସାହୁ, ହିନ୍ଦୀ ଶିକ୍ଷକ କୁଶଳେଶ୍ୱର ପ୍ରଧାନଙ୍କ ସହ ସମସ୍ତ ଶିକ୍ଷକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅଭିଭାବକ ମହଲରେ ମଧ ଖୁସିର ଲହରୀ ଖେଳିଯାଇଛି । ଅଶ୍ଲେଷା କେସିଙ୍ଗାର ସାମାଜିକ କର୍ମୀ ରମେଶ ଜେନାଙ୍କ ଝିଅ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୭ହଜାର ପ୍ରତିଯୋଗୀ ଭାଗ ନେଇଥିଲେ ।

## ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁଣି ମୋତିଆବିନ୍ଦୁ ଅସ୍ତ୍ରୋପଚାର

**ସୁନ୍ଦରଗଡ଼, ୧୯।୯ (ଡି.ଏନ.ଏ.)**

**କୋଭିଡ୍ କଟକଣା ପାଳନ**

କୋଭିଡ କଟକଣାକୁ ପାଳନ କରି ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁଣି ଆରମ୍ଭ ହୋଇଛି ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର । କରୋନା ସଂକ୍ରମଣ ପାଇଁ ଏହି ଚିକିତ୍ସା ଗତ କିଛି ମାସ ହେଲା ବନ୍ଦ ରହିଥିଲା। ଗତ ମାସକ ଭିତରେ ୮ଟି ବ୍ୟାଚରେ ମୋଟ ୪୬ ଜଣଙ୍କ ଅସ୍ତ୍ରୋପଚାର କରାଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୯ଜଣ ରୋଗୀଙ୍କର ଗତ ମଙ୍ଗଳବାର ଦିନ ଅସ୍ତ୍ରୋପଚାର କରାଯାଇଛି। ସୋମବାର ପ୍ରଥମେ ସେମାନଙ୍କର ସ୍କ୍ରିନିଂ କରାଯାଇଥିଲା। ମୋତିଆ ବିନ୍ଦୁ ଅପରେଶନ ପୂର୍ବରୁ ରୋଗୀଙ୍କର କୋଭିଡ ପରୀକ୍ଷା ମଧ କରାଯାଇଥିଲା। କୋଭିଡ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ କେବଳ ଜରୁରୀକାଳୀନ ଅସ୍ତ୍ରୋପଚାର କରାଯାଉଥିଲା। ଅନ୍ୟ ସବୁ ଅସ୍ତ୍ରୋପଚାର ବନ୍ଦ ରହିଥିଲା। ଏପରି କି ଜିଲାରେ ସ୍କ୍ରିନିଂ କ୍ୟାମ୍ପ ମଧ ବନ୍ଦ ରହିଥିଲା । ହେଲେ ଏବେ କୋଭିଡ ଗାଇଡ ଲାଇନକୁ ପାଳନ କରାଯାଇ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି। ମୋତିଆ ବିନ୍ଦୁ ଅପରେଶନ ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି । ତେଣୁ ଯେଉଁ ଲୋକଙ୍କର ମୋତିଆ ବିନ୍ଦୁ ସମସ୍ୟା ରହିଛି ସେମାନେ ବ୍ଲକସ୍ତରରେ ଥିବା ଚକ୍ଷୁ ସହାୟକଙ୍କ ସହ ଯୋଗାଯୋଗ କରିବା ଦରକାର ବୋଲି ଚକ୍ଷୁ ବିଶେଷଜ୍ଞ ତଥା ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି।

## ୧୧ ହାଇସ୍କୁଲରେ ନାହିଁ ଖେଳପଡ଼ିଆ

**ବିନ୍ଦିକା, ୧୯।୯(ଡି.ଏନ୍.ଏ.)**




ସିନ୍ଦୁରପୁର ହାଇସ୍କୁଲର ଫାଟକ ।

**ବିନ୍ଦିକା ବ୍ଲକ**

ଛାତ୍ରୀଛାତ୍ରମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ କ୍ରୀଡାର ଆବଶ୍ୟକତା ରହିଛି । ଏଥିପାଇଁ ବିଦ୍ୟାଳୟଗୁଡିକରେ ଖେଳପଡିଆ ସୁବିଧା ସାଙ୍ଗକୁ କ୍ରୀଡା ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ରହିଛି । ତେବେ ସୁବର୍ଣ୍ଣପୁର ଜିଲା ବିନ୍ଦିକା ବ୍ଲକ ର ସମୁଦାୟ ୨୧ଟି ହାଇସ୍କୁଲରୁ ୧୧ଟି ହାଇସ୍କୁଲରେ ଖେଳପଡିଆ ନାହିଁ । ଏପରି କି କେଉଁଠି ଖେଳପଡିଆ ଥିଲେ ମଧ ଖେଳଶିକ୍ଷକ ନ ଥିବା ବେଳେ କେଉଁଠି ଶିକ୍ଷକ ଥାଇ ମଧ ଖେଳପଡିଆ ନାହିଁ । ଦୀର୍ଘ ବର୍ଷ ଧରି ଏଥିପ୍ରତି କାହାରି ନଜର ବି ନାହିଁ । ଏହି ଅଞ୍ଚଳରେ କ୍ରୀଡାର ବିକାଶ ନାଁରେ କେବଳ ଉପର ଠାଉରିଆ କାର୍ଯ୍ୟକ୍ରମ ଚାଲୁ ରହିଛି ।

ପ୍ରକାଶ ଯେ, ବିନ୍ଦିକା ଅଞ୍ଚଳର ୧୦ଟି ସ୍କୁଲର ଥିବା ଖେଳ ପଡିଆ ଥାଇ ନ ଥିବା ସଙ୍ଗେ ସମାନ । ଏହି ଖେଳପଡିଆର ଉନ୍ନତୀକରଣ କରାଯାଉନାହିଁ । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ନ ଦେବା ଅସନ୍ତୋଷର କାରଣ ହୋଇଛି । ଅପରପକ୍ଷେ ଖେଳ ପଡିଆ ନ ଥିବା କେତେକ ହାଇସ୍କୁଲରେ ଖେଳ ଶିକ୍ଷକ ଅଛନ୍ତି । ସେମାନେ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଉଛନ୍ତି । ଖେଳପଡିଆ ନ ଥିବା ବେଳେ ଖେଳ ଶିକ୍ଷକମାନେ ପିଲାଙ୍କୁ କି ଶାରୀରିକ ଶିକ୍ଷା ଦେଉଛନ୍ତି ତାହା ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସିନ୍ଦୁରପୁର ଉଚ୍ଚ ବିଦ୍ୟାଳୟରେ ଖେଳପଡିଆ ଥାଇ ମଧ ଖେଳ ଶିକ୍ଷକ ନାହାନ୍ତି। ସର୍ବଶିକ୍ଷା ଅଭିଯାନରେ ପିଲାଙ୍କୁ ଖେଳ ସହ ଅନ୍ୟାନ୍ୟ ଆନୁସଙ୍ଗିକ ଶିକ୍ଷା ପ୍ରଦାନ ପାଇଁ ପାର୍ଟ ଟାଇମ୍ ଇନଷ୍ଟ୍ରକଟର ନିଯୁକ୍ତି ଦିଆଯାଇଛି । ଯେଉଁସବୁ ଶିକ୍ଷାନୁଷ୍ଠାନରେ ୧୦୦ରୁ ଅଧିକ ଛାତ୍ରୀଛାତ୍ର ,ସେଠାରେ ଇନଷ୍ଟ୍ରକଟର ଅଛନ୍ତି । ଏନେଇ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜଙ୍କୁ ପଚାରିବାରେ କହିଥିଲେ ବିନ୍ଦିକା ଅଞ୍ଚଳର କେତେକ ହାଇସ୍କୁଲରେ ଖେଳପଡିଆ ନ ଥିବା ଓ କେତେକ ଖେଳପଡିଆର ଉନ୍ନତୀକରଣ ହୋଇ ନ ଥିବା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦିଆଯାଇଛି। ବିନ୍ଦିକା ବ୍ଲକ କ୍ରୀଡା ଅଧିକାରୀ ସତ୍ୟ ନାରାୟଣ ତ୍ରିପାଠୀଙ୍କୁ ପଚାରିବାରୁ କହିଥିଲେ ଏହି ସମସ୍ୟା ବିଷୟରେ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସେଲେଡି ଉଚ୍ଚ ବିଦ୍ୟାଳୟରୁ ପ୍ରତିବର୍ଷ ୭-୮ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ କ୍ରୀଡାରେ ଅଂଶଗ୍ରହଣ କରି ପାରୁଛନ୍ତି। ମାତ୍ର ସେଲେଡି ସ୍କୁଲର ନିଜସ୍ୱ ଖେଳ ପଡିଆ ଥାଇ ମଧ ଉନ୍ନତୀକରଣ ହେଉନାହିଁ । ଫଳରେ କ୍ରୀଡା କ୍ଷେତ୍ରରେ ଛାତ୍ରୀଛାତ୍ର ଆଶାଠାରୁ କମ୍ ପାରଦର୍ଶିତା ହାସଲ କରୁଥିବା ସେ କହିଥିଲେ ।

ଶ୍ରୀଗୋପାଳଜୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ପଧାନଙ୍କୁ ପଚାରିବାରୁ କହିଥିଲେ,ଆମ ବିଦ୍ୟାଳୟର ଖେଳପଡିଆ ରହିଛି । ମାତ୍ର ତାହା ନ ଥିବା ସହିତ ସମାନ । ସ୍କୁଲରେ ଖେଳ ଶିକ୍ଷକ ମଧ ନାହାନ୍ତି। ଫଳରେ ସହକାରୀ ଶିକ୍ଷକମାନେ ପିଲାଙ୍କୁ ଖେଳ ପରିୟଡରେ ଖେଳ ଖେଳାଉଥିବା କହିଥିଲେ ।

